# ସାଧାରଣ ରୋଗର
# ଘରୋଇ ହୋମିଓପ୍ୟାଥି ଚିକିତ୍ସା

DR. ABHIN CHANDRA HOMOEOPATHIC MEDICAL COLLEGE & HOSPITAL, BHUBANESWAR


ସଂକଳକ

ଡାକ୍ତର ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥି ଭେଷଜ ମହାବିଦ୍ୟାଳୟ
ଏବଂ ଚିକିତ୍ସାଳୟ, ଭୁବନେଶ୍ୱର-୭୫୧୦୦୧
ଫୋନ/ଫ୍ୟାକ୍ସ- ୦୬୭୪-୨୩୯୧୬୩୭
E-mail: drachmc.bhubaneswar@gmail.com
Website: www.drachmc.ori.nic.in

# ମୁଖବନ୍ଧ

ଡ଼ା. ଅଭିନ୍ନ ଚନ୍ଦ୍ର ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଆମ ଦେଶର ଏକ ପ୍ରମୁଖ ଅନୁଷ୍ଠାନ। ୧୯୬୯ ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଏହି ଅନୁଷ୍ଠାନ ହୋମିଓପ୍ୟାଥି ଶିକ୍ଷା ଓ ଚିକିତ୍ସା କ୍ଷେତ୍ରରେ ଏକ ବିଶିଷ୍ଟ ମାଇଲଖୁଣ୍ଟ। ବିଗତ ୪ ଦଶନ୍ଧି ଭିତରେ ଏହି ଅନୁଷ୍ଠାନର ବହୁ ସ୍ନାତକ ଓଡ଼ିଶା ତଥା ଭାରତବର୍ଷର ବିଭିନ୍ନ ଉଚ୍ଚପଦ ପଦବୀରେ ଅଧିଷ୍ଠିତ।

ଏହି ଅନୁଷ୍ଠାନର କୃତି ଶିକ୍ଷକ ମାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ବିଭିନ୍ନ ଗବେଷଣା ଭାରତ ସରକାରଙ୍କ ଆୟୁଷ ବିଭାଗଦ୍ୱାରା ଉଚ୍ଚ ପ୍ରଂଶସିତ।

ଯେ କୌଣସି ଚିକିତ୍ସା ଅନୁଷ୍ଠାନ ଏବଂ ଚିକିତ୍ସା ବିଜ୍ଞାନର ଉତ୍କୃଷତା ରୋଗୀ ସେବାର ସା'ଲ୍ୟ ଉପରେ ନିର୍ଭର କରେ। ଏହି ଲକ୍ଷକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ଆୟୁଷ ବିଭାଗ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା "ଆରୋଗ୍ୟ" ସହିତ ଆମର ସଂପୃକ୍ତିକୁ ଅଧିକ ଫଳପ୍ରସୁ କରିବା ପାଇଁ ଏହି କ୍ଷୁଦ୍ର ପୁସ୍ତିକାଟିର ଉପସ୍ଥାପନ କରୁଅଛୁ। ହୋମିଓପ୍ୟାଥି ଚିକିତ୍ସା ବିଜ୍ଞାନ ବହୁ ରୋଗର ପ୍ରାଥମିକ ଅବସ୍ଥାରେ ଅଧିକ ଫଳପ୍ରଦ ଏବଂ ନିରାପଦ ମଧ୍ୟ।

ଆମ ରାଜ୍ୟ ଓଡ଼ିଶାର ପାଣିପବନକୁ ଆଖି ଆଗରେ ରଖି ଯେଉଁ କେତେକ ସାଧାରଣ ରୋଗରେ ଲୋକମାନେ ଆକ୍ରାନ୍ତ ହୋଇଥାନ୍ତି, ତାମଧ୍ୟରୁ କେତେକର ପ୍ରାଥମିକ ହୋମିଓପ୍ୟାଥି ଚିକିତ୍ସା ଏହି ପୁସ୍ତକଟିରେ ଆଲୋଚନା କରାଯାଇଅଛି। ସୁଧି ପାଠକଗଣ ଏହାକୁ ଏକ ପରିପୂର୍ଣ୍ଣ ଚିକିତ୍ସା ଭାବେ ଗ୍ରହଣ ନକରି ପ୍ରାଥମିକ ଚିକିତ୍ସା ଭାବରେ ଦିଆଯାଇଥିବା ଅନୁପାନ ଅନୁଯାୟୀ ଔଷଧ ସେବନ କରିବେ। ୨/୩ ଦିନ ମଧ୍ୟରେ ଉପଶମ ନହେଲେ କିମ୍ବା ତା ପୂର୍ବରୁ ଅଧିକ ଉପସର୍ଗ ଦେଖାଗଲେ ଅଥବା ଅନ୍ୟ ରୋଗ କ୍ଷେତ୍ରରେ ନିକଟସ୍ଥ ତାଲିମ ପ୍ରାପ୍ତ ହୋମିଓପ୍ୟାଥି ଚିକିତ୍ସକଙ୍କ ସହିତ ପରାମର୍ଶ କରିବେ।

ଆଶା, ପ୍ରଫେସର ଡ଼ା. ଗଗନ ବିହାରୀ ପାଣିଗ୍ରାହୀ, ପ୍ରଫେସର ଡା. ଅକ୍ଷୟ କୁମାର ମିଶ୍ର, ଡ଼ା. ବିଷ୍ଣୁଚରଣ ସାହୁ ଏବଂ ଅନ୍ୟାନ୍ୟ ଡ଼ାକ୍ତରଙ୍କ ଦ୍ୱାରା ସଂକଳିତ ଏହି ପୁସ୍ତିକା ଦ୍ୱାରା ଆମ ରାଜ୍ୟର ଜନସାଧାରଣ ବିଶେଷ ଉପକୃତ ହେବେ।

***ପ୍ରଫେସର ଡା. ଲକ୍ଷ୍ମୀକାନ୍ତ ନନ୍ଦ***
**ଅଧକ୍ଷ ତଥା ଅଧୀକ୍ଷକ**
**ଡ଼ାକ୍ତର ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥିକ୍ ଚିକିତ୍ସା ମହାବିଦ୍ୟାଳୟ, ଭୁବନେଶ୍ୱର**